# କରୋନା ଭୁତାଣୁ ସଂକ୍ରମଣକୁ ରୋକିବା ନିମନ୍ତେ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ - ରାଜ୍ୟ ବାହାରୁ ତଥା ଜିଲ୍ଲା ବାହାରୁ ଆସୁଥିବା ସମସ୍ତଂକର ସଂଗରୋଧ (quaritine) କୁ କଡାକଡି କରାଯିବା ଉପରେ ଗୁରୁତ୍ୱ ।

ଅନୁଗୋଳ, ୨୩.୦୩ :-ସାମ୍ପ୍ରତିକ ପରିସ୍ଥିତିରେ କରୋନା ଭଳି ମାରାତ୍ମକ ଭୁତାଣୁ ବିଶ୍ୱର ୧୯୨ଟି ଦେଶରେ ବ୍ୟାପିଥିବା ବେଳେ ଭାରତ ଓ ଏହାର ରାଜ୍ୟଗୁଡିକ ଏହାର ପ୍ରତିରୋଧ ନିମନ୍ତେ ଅନେକ ଫଳପ୍ରଦ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛନ୍ତି । ଅନୁଗୋଳ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ମିଳିତ ଭାବେ ଜିଲ୍ଲାରେ ରାଜ୍ୟ ସରକାରଂକ ନିୟମାବଳୀ ଆଧାରରେ ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳତାର ସହିତ କାର୍ଯ୍ୟକାରୀ କରୁଛି । ଅନୁଗୋଳ ଜିଲ୍ଲା ସ୍ତରରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଂକ ଅଧ୍ୟକ୍ଷତାରେ ଏକ ବୈଠକ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇ ବିଭିନ୍ନ କମିଟୀ ଗଠନ କରାଯାଇଛି । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଓ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକଂକୁ ନେଇ ଏକ ସ୍କାର୍ଡ ଗଠନ କରାଯାଇ ସଂଗରୋଧ (quaritine) କୁ ତଦାରଖ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହି ସ୍କାଡ୍ ବିଭିନ୍ନ ଗ୍ରାମରେ ରାଜ୍ୟ ବାହାରୁ ଓ ଜିଲ୍ଲା ବାହାରୁ ଫେରି ସଂଗରୋଧ କରିନଥିବା ବ୍ୟକ୍ତିମାନଂକ ସମ୍ପର୍କରେ କଡା ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଯେଉଁମାନଂକର ସଂଗରୋଧ ପାଇଁ ଆବଶ୍ୟକ ଘର ନାହିଁ ସେମାନଂକୁ ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟ କିମ୍ବା ସମ୍ପୃକ୍ତ ପଂଚାୟତ ଦ୍ୱାରା ସ୍ଥିରିକୃତ ଉଚ୍ଚ ବିଦ୍ୟାଳୟରେ ରଖିବାକୁ କୁହାଯାଇଛି । ଯେଉଁମାନେ ବାହାର ରାଜ୍ୟରୁ ଆସି ସଂଗରୋଧ ନ କରି ଲୁଚାଉଛନ୍ତି ସେମାନଂକ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ ତଥା ଜିଲ୍ଲା ମଧ୍ୟରେ କୌଣସି ବସ ଚଳାଚଳ କରିବ ନାହିଁ । କିନ୍ତୁ ମାଲ ଓ କୋଇଲା ପରିବହନ ଚାଲୁ ରହିବ । ଏହାଛଡା ଡାକ୍ତରଖାନା,ରେଲୱ୍ୱେ ଷ୍ଟେସନ,ବସଷ୍ଟାଣ୍ଡ ଓ ବିମାନ ବନ୍ଦରକୁ ଯାଉଥିବା ଗାଡିକୁ ଅନୁମତି ଦିଆଯିବ । ନିହାତି ଦରକାର ପଡିଲେ ଯେଉଁମାନେ କଟକ,ଭୁବନେଶ୍ୱର,ସମ୍ବଲପୁର ଓ ଅନ୍ୟାନ୍ୟ ସ୍ଥାନକୁ ଯିବାକୁ ହେଲେ ୧୦୦ ରେ କଲ କରି ପୋଲିସକୁ ଯାତ୍ରାର ଉଦ୍ଦେଶ୍ୟ,ଗାଡି ନମ୍ବର,କେତେ ଜଣ ଯାତ୍ରା କରୁଛନ୍ତି ଓ କେଉଁ ଦିନରେ ଯିବେ ଜଣାଇଲେ ମୋବାଇଲ ମାଧ୍ୟମରେ ସେମାନଂକୁ ଅନୁମତି ଦିଆଯିବ ବୋଲି ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା ପ୍ରକାଶ କରିଛନ୍ତି । ଏହାଛଡା ଗୋଟିଏ ସ୍ଥାନରେ ପରିବା କିଣିବାକୁ ନେଇ ଜନସମାଗମ ହେଉଥିବାରୁ ଏହାକୁ ସହରର ବିଭିନ୍ନ ୱାର୍ଡ ଅଂଚଳରେ ଅସ୍ଥାୟୀ ପରିବା ଦୋକାନ କରି ବିକ୍ରି କରିବାକୁ ସେ ପରାମର୍ଶ ଦେଇଛନ୍ତି । ଏଥିପାଇଁ ସମ୍ପୃକ୍ତ ପୌରାଂଚଳର ନିର୍ବାହୀ ଅଧିକାରୀ ସ୍ଥାନ

ଚିହ୍ନଟ କରି ଡାକବାଜୀ ଯନ୍ତ୍ର ଯୋଗେ ଲୋକମାନଂକୁ ଜଣାଇବାକୁ ପରାମର୍ଶ ଦିଆଯାଇଛି ।ସାଂପ୍ରତିକ ପରିସ୍ଥିତିରେ ଯେଉଁମାନେ ଅତ୍ୟାବଶ୍ୟକ ସାମଗ୍ରୀକୁ ଅଧିକ ମୂଲ୍ୟରେ ବିକ୍ରି କରୁଛନ୍ତି ସେମାନଂକ ଉପରେ ଚଢାଉ କରିବାକୁ ଜିଲ୍ଲାପାଳ ଯୋଗାଣ ବିଭାଗକୁ ପରାମର୍ଶ ଦେଇଛନ୍ତି । ବିଭିନ୍ନ ଗାଁରେ ମାଇକ୍ ଯୋଗେ ପ୍ରଚାର କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ନିହାତି ଆବଶ୍ୟକ ନ ଥିଲେ ଘରୁ ବାହାରନ୍ତୁ ନାହିଁ ଓ ବାହାରୁ ଜିଲ୍ଲାକୁ ଆସୁଥିବା ଲୋକମାନଂକ ସମ୍ପର୍କରେ ଖବର ଦେବା ସମ୍ପର୍କରେ ପ୍ରଚାର କରନ୍ତୁ ବୋଲି ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହାଛଡା ସଂଗରୋଧକୁ ସଠିକ୍ ଭାବେ ତଦାରଖ କରିବା ସହ ମେଡିକାଲ ଟିମକୁ ସଜାଗ ରଖିବାକୁ ପରାମର୍ଶ ଦେଇଛନ୍ତି । ସେହିଭଳି ବିଭିନ୍ନ ଶିଳ୍ପ ସଂସ୍ଥାରେ ଏକକାଳିନ କାର୍ଯ୍ୟ କରୁଥିବା କର୍ମଚାରୀଂକ ସଂଖ୍ୟାକୁ କଣ୍ଟିଜେଣ୍ଟ ପ୍ଲାନ ଅନୁଯାୟୀ କମ୍ କରିବା ସହ ବାହାର ରାଜ୍ୟ ଓ ଦେଶରୁ ଆସୁଥିବା ଲୋକମାନଂକ ସମ୍ପର୍କରେ ଖବର ସଂଗ୍ରହ କରିବାକୁ ଏକ ସ୍କାଡ୍ ଗଠନ କରାଯାଇଛି । ଆଂଚଳିକ ପରିବହନ ଅଧିକାରୀଂକ ଦ୍ୱାରା ଆସନ୍ତା କାଲିଠାରୁ ଘରୋଇ ୪ ଚକିଆ ଯାନ ବାହାନର କଡାକଡି ଯାଂଚ କରାଯିବ । ସଂଗରୋଧରେ ରହିଥିବା ଲୋକମାନଂକର ପ୍ରତିଦିନ ସ୍ୱାସ୍ଥ୍ୟ ପରିକ୍ଷା କରିବା ସହ କରୋନାର ଲକ୍ଷଣ ଦେଖା ଦେଲେ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ପ୍ରତ୍ୟେକ ଦିନ ତାଂକ ବ୍ଲକ୍ ଅଂଚଳକୁ ଅନ୍ୟ ଜିଲ୍ଲାରୁ କିମ୍ବା ରାଜ୍ୟ ବାହାରୁ କେତେ ଲୋକ ଆସୁଛନ୍ତି ଜଣାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପ ତିରାୟ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥିଂକ ସମେତ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୨୯୬ ତା.୨୩.୩.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।


